# ସଂସ୍କୃତି ବିଭାଗ, ଓଡ଼ିଶା ସରକାର

## ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ ଯୋଜନାରେ

## ପୁସ୍ତକ କ୍ରୟ ପାଇଁ ବିଜ୍ଞାପନ

୨୦୧୦-୧୧ ଓ ୨୦୧୧-୧୨ ଦୁଇ ବର୍ଷ ପାଇଁ ପୃଥକ ଭାବେ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା ତରଫରୁ ଆମ ରାଜ୍ୟର ସହରାଞ୍ଚଳ, ଗ୍ରାମାଞ୍ଚଳ-'କ' ଏବଂ ଗ୍ରାମାଞ୍ଚଳ-'ଖ' ବର୍ଗର ଅନୁମୋଦିତ ପାଠାଗାରମାନଙ୍କ ପାଇଁ ପୁସ୍ତକ କ୍ରୟ ନିମନ୍ତେ ସଂସ୍କୃତି ବିଭାଗ ଆଗ୍ରହୀ ପ୍ରକାଶକମାନଙ୍କ ଠାରୁ ତା ୦୧.୦୫.୨୦୧୨ ରିଖ ଠାରୁ ତା ୩୧.୦୫.୨୦୧୨ ରିଖ ମଧ୍ୟରେ (ଛୁଟି ଦିନ ବ୍ୟତୀତ) ପୂର୍ବାହ୍ନ ସାଢ଼େ ୧୦ ଘଣ୍ଟା ଠାରୁ ଅପରାହ୍ନ ସାଢ଼େ ୪ ଘଣ୍ଟା ମଧ୍ୟରେ ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଭୁବନେଶ୍ୱର ଠାରେ ନମୁନା ପୁସ୍ତକ ଗ୍ରହଣ କରାଯିବ। ପ୍ରକାଶକମାନେ ନିର୍ଦ୍ଦିଷ୍ଟ ଦରଖାସ୍ତ ଫର୍ମରେ ସମ୍ପୂର୍ଣ୍ଣ ତଥ୍ୟ ଓ ଅଙ୍ଗୀକାରପତ୍ର ସହିତ ନିର୍ଦ୍ଧାରିତ ସାଧାରଣ ବିଭାଗ ଓ ଶିଶୁ ବିଭାଗ ପାଇଁ ପୃଥକ ପୃଥକ ଭାବରେ ନମୁନା ପୁସ୍ତକ ଓ ତିନିକିତା ଲେଖାଏଁ ଦରଖାସ୍ତ ଫର୍ମ ଦାଖଲ କରିବା ପାଇଁ ଜଣାଇଦିଆଯାଉଅଛି । ଏଥିପାଇଁ ସର୍ତ୍ତାବଳୀ ସହିତ ଅଙ୍ଗୀକାର ପତ୍ର ଓ ନମୁନା ଫର୍ମ ନିମ୍ନରେ ପ୍ରଦାନ କରାଯାଇଛି । ଅଧିକନ୍ତୁ, ପ୍ରକାଶକମାନେ ସେମାନଙ୍କ ପ୍ରକାଶିତ ପୁସ୍ତକର ଏକ ଖଣ୍ଡ ପୁସ୍ତକ କଲିକତାସ୍ଥିତ ଜାତୀୟ ଗ୍ରନ୍ଥାଗାର ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱରଙ୍କ ଜରିଆରେ ଓ ଦୁଇ ଖଣ୍ଡ ପୁସ୍ତକ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଭୁବନେଶ୍ୱରଙ୍କ ନିମନ୍ତେ ବିନା ମୂଲ୍ୟରେ ଦାଖଲ କରି ସେହି ପ୍ରାପ୍ତିସ୍ୱୀକାର ରସିଦର ନକଲକୁ ନମୁନା ପୁସ୍ତକ ଦାଖଲ ସମୟରେ ଦରଖାସ୍ତ ସହିତ ସଂଲଗ୍ନ କରିବେ, ଅନ୍ୟଥା ସଂପୃକ୍ତ ପୁସ୍ତକ ଗୁଡ଼ିକୁ ରାଜା ରାମମୋହନ ରାୟ ଗ୍ରନ୍ଥାଗାର ପୁସ୍ତକ କ୍ରୟ ଯୋଜନାରେ ବିଚାରକୁ ନିଆଯିବ ନାହିଁ । ପୂର୍ବରୁ ଦାଖଲ ହୋଇଥିବା ପୁସ୍ତକର ପ୍ରାପ୍ତି ସ୍ୱୀକାର ରସିଦ ଥିଲେ ପୁନଃଶ୍ଚ ଜାତୀୟ ଗ୍ରନ୍ଥାଗାର ଓ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ପଠାଇବାର ଆବଶ୍ୟକତା ନାହିଁ ।

ମାତ୍ର ଦୁଇ ଗୋଟି ବିଭାଗ ଯଥା: ସାଧାରଣ ବିଭାଗରେ ୩୦ ଗୋଟି ପର୍ଯ୍ୟନ୍ତ ପୁସ୍ତକ ଓ ଶିଶୁ ବିଭାଗରେ ୨୦ ଗୋଟି ପର୍ଯ୍ୟନ୍ତ ପୁସ୍ତକ ଦାଖଲ କରିପାରିବେ । ଦାଖଲ ହୋଇଥିବା ପୁସ୍ତକ ମଧ୍ୟରୁ ଅନିର୍ବାଚିତ ତଥା ଅଧିକ ପୁସ୍ତକ ଗୁଡ଼ିକୁ ଆଉ ପ୍ରକାଶକ ମାନଙ୍କୁ ଫେରସ୍ତ ଦିଆଯିବ ନାହିଁ ଓ ଏଗୁଡ଼ିକୁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ପାଠକ / ପାଠିକାମାନଙ୍କ ବ୍ୟବହାର ପାଇଁ ପ୍ରଦାନ କରାଯିବ । ପୁସ୍ତକ ଦାଖଲ ପାଇଁ ପ୍ରକାଶନ ବର୍ଷର ସମୟସୀମା ଉପରେ କୌଣସି ପ୍ରତିବନ୍ଧକ ରଖାଯାଇ ନଥିଲେ ମଧ୍ୟ ସର୍ବଶେଷ ସଂସ୍କରଣ (**Latest Edition**) ଗୁଡ଼ିକୁ ପୁସ୍ତକ ଚୟନ ବେଳେ ଅଗ୍ରାଧିକାର ଦିଆଯିବ । ଅଧିକନ୍ତୁ, ବିଗତ ୫ ବର୍ଷ ମଧ୍ୟରେ ରାଜା ରାମମୋହନ ରାୟ ପୁସ୍ତକ କ୍ରୟ ଯୋଜନାରେ ଚୟନ କରାଯାଇଥିବା ପୁସ୍ତକ ଗୁଡ଼ିକୁ ପୁନର୍ବାର ନିର୍ବାଚନ କରାଯିବ ନାହିଁ । ଏଣୁ ଏହି ସବୁ ବର୍ଷରେ ନିର୍ବାଚିତ ପୁସ୍ତକ ଗୁଡ଼ିକୁ ପୁନର୍ବାର ଦାଖଲ କରିବାର ଆବଶ୍ୟକତା ନାହିଁ । ପୁସ୍ତକର ମୂଲ୍ୟରାଶି ଉପରେ କୌଣସି ସର୍ବୋଚ୍ଚ ସୀମା ରଖାଯାଇନଥିଲେ ମଧ୍ୟ ସାଧାରଣତଃ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ପୁସ୍ତକ କ୍ରୟ କରାଯିବା ପାଇଁ ନିର୍ଦ୍ଧାରଣ କରାଯାଇଅଛି ଓ ଏଥିରୁ ଅଧିକ ମୂଲ୍ୟ ରାଶିର ପୁସ୍ତକ ଚୟନ ମଧ୍ୟ ତାହା ପୁସ୍ତକ ଚୟନ କମିଟି ସତନ୍ତ୍ରଭାବେ ବିଚାର କରିପାରିବେ ।

ଗୋଟିଏ ବର୍ଷର ସମୁଦାୟ ବ୍ୟୟ ଅଟକଳ ମଧ୍ୟରୁ ଶତକଡ଼ା ୨୫ ଭାଗ ଅର୍ଥରାଶି ସତନ୍ତ୍ର ଭାବେ ସରକାରୀ / ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନ (ଏନ୍.ବି.ଟି., ଏନ.ସି.ଇ.ଆର.ଟି. ଓ ଏସ୍.ସି.ଇ.ଆର.ଟି. ଇତ୍ୟାଦି) / ବିଭିନ୍ନ ଏକାଡ଼େମୀ (କେନ୍ଦ୍ର ଓ ରାଜ୍ୟ) ତଥା ଓଡ଼ିଶା ଭାଷା ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ପୁସ୍ତକ କ୍ରୟ ପାଇଁ ବ୍ୟବସ୍ଥା ହୋଇଥିବାରୁ ସେମାନେ ଏହି ବିଜ୍ଞାପନ ଜରିଆରେ ଦରଖାସ୍ତ କରିବାର ଆବଶ୍ୟକତା ନାହିଁ ।

ଦାଖଲ କରାଯାଉଥିବା ପୁସ୍ତକ ଗୁଡ଼ିକ ନିମ୍ନଲିଖିତ ବିଭାଗର ପରିସରଭୁକ୍ତ ହୋଇଥିବା ଆବଶ୍ୟକ :-

(କ) ଜାତୀୟ ସମ୍ମାନ ଓ ସ୍ୱୀକୃତି ପ୍ରାପ୍ତ ଲେଖକମାନଙ୍କ ଦ୍ୱାରା ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ଲିଖିତ ପୁସ୍ତକ ଓ ଓଡ଼ିଆରେ ଅନୁଦିତ ପୁସ୍ତକ ।

(ଖ) କେନ୍ଦ୍ର ଓ ଓଡ଼ିଶା ରାଜ୍ୟ ସାହିତ୍ୟ ଏକାଡ଼େମୀମାନଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ଓଡ଼ିଆ, ହିନ୍ଦୀ, ଇଂରାଜୀ ପୁସ୍ତକ ଓ ଓଡ଼ିଆ ଭାଷାରେ ଅନୁଦିତ ପୁସ୍ତକ।

(ଗ) ଜାତୀୟ ଓ ରାଜ୍ୟ ପୁରସ୍କାର ପ୍ରାପ୍ତ ଓଡ଼ିଆ ପୁସ୍ତକର ହିନ୍ଦୀ କିମ୍ବା ଇଂରାଜୀ ଅନୁଦିତ ପୁସ୍ତକ ଏବଂ ଅନ୍ୟ ଭାଷାରୁ ଓଡ଼ିଆରେ ଅନୁଦିତ ପୁସ୍ତକ ।

(ଘ) ଅନ୍ୟାନ୍ୟ ପୁସ୍ତକମାନଙ୍କ ମଧ୍ୟରେ ମୁଖ୍ୟତଃ ଓଡ଼ିଆ, ଇଂରାଜୀ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ ଓ ଓଡ଼ିଶାରେ ପ୍ରଚଳିତ ସାନ୍ତାଳୀ ଓ ଅନ୍ୟ ଯେକୌଣସି ଆଦିବାସୀ ଭାଷାରେ ଲିଖିତ ପୁସ୍ତକ ଏବଂ ଓଡ଼ିଆ ଲେଖକଙ୍କ କୌଣସି ଏକାଡ଼େମୀ ତଥା ଅନ୍ୟାନ୍ୟ ପୁରସ୍କାର ପ୍ରାପ୍ତ ପୁସ୍ତକ ଅନ୍ତର୍ଭୁକ୍ତ ।

(ଙ) ଇଂରାଜୀ, ହିନ୍ଦୀ, ବଙ୍ଗଳା, ଆଦିବାସୀ ଭାଷା ଯଥା-ସାନ୍ତାଳୀ, ଉର୍ଦ୍ଦୁ, ତେଲୁଗୁ ଆଦି ଅନ୍ୟାନ୍ୟ ଭାଷାରେ ଲିଖିତ ଓ ପ୍ରକାଶିତ ଓଡ଼ିଆ ଭାଷା ସମ୍ପର୍କୀତ ପୁସ୍ତକ ।

(ଚ) ପୁସ୍ତକ ଗୁଡ଼ିକର ସଂସ୍କରଣ ସମ୍ବନ୍ଧରେ ୧ମ, ୨ୟ, ୩ୟ ଅଥବା ପରବର୍ତ୍ତୀ ସଂସ୍କରଣ, ଏହିପରି ସ୍ପଷ୍ଟ ଉଲ୍ଲେଖ ନମୁନା ପୁସ୍ତକରେ ତଥା ଦରଖାସ୍ତ ଫର୍ମରେ ରହିବ । ପରିବର୍ଦ୍ଧିତ ସଂସ୍କରଣ, ପରିମାର୍ଜିତ ସଂସ୍କରଣ, କେବଳ ପ୍ରକାଶନ କାଳ ଉଲ୍ଲେଖଥିବା ପୁସ୍ତକ ଗୁଡ଼ିକୁ ପ୍ରଥମ ସଂସ୍କରଣ ଭାବେ ଗ୍ରହଣ କରାଯିବ ନାହିଁ ।

(ଛ) ପରିବେଶ, କମ୍ପୁଟର ଶିକ୍ଷା, , ଶକ୍ତି, ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କୀତ ପୁସ୍ତକ ।

(ଜ) ଧନ୍ଦା ମୂଳକ, ସାଧାରଣ ଜ୍ଞାନ ବର୍ଦ୍ଧକ ତଥା ପ୍ରତିଯୋଗୀତା ମୂଳକ ସମ୍ବନ୍ଧୀୟ ପୁସ୍ତକ ।

(ଝ) ପାଠ୍ୟ ଉପଯୋଗୀ ପୁସ୍ତକ (ସିଲାବସ ନିର୍ଦ୍ଧାରିତ ପୁସ୍ତକ ଗୁଡ଼ିକ ଅନ୍ତର୍ଭୁକ୍ତ ନୁହେଁ) ।

(ଞ) ଜୀବନୀ ଓ ଆତ୍ମ ଜୀବନୀ ପୁସ୍ତକ ।

## <u>ସର୍ତ୍ତାବଳୀ</u>

୧. ପ୍ରକାଶକମାନଙ୍କୁ ପ୍ରଥମେ ବିକ୍ରୟ ପୁସ୍ତକ ଗୁଡ଼ିକର ଅର୍ଦ୍ଧେକ ମୂଲ୍ୟ ପ୍ରଦାନ କରାଯିବ । ରାଜଭାଗ ପୈଠ ସମ୍ପର୍କିତ ପ୍ରମାଣପତ୍ର ଦାଖଲ କରାଯିବା ପରେ ଅବଶିଷ୍ଟ ଟଙ୍କା ପ୍ରକାଶକମାନଙ୍କୁ ଦିଆଯିବ । ପ୍ରକାଶ ଥାଉକି, ଯଦି ପ୍ରକାଶକମାନେ ବକେୟା ପ୍ରାପ୍ୟ ଥିବା ସମୁଦାୟ ପୁସ୍ତକ ମଧ୍ୟରୁ ଯେଉଁ ଲେଖକଙ୍କର ରାଜଭାଗ ପୈଠ ସମ୍ପର୍କୀତ ପ୍ରମାଣ ପତ୍ର ପ୍ରଦାନ କରିବେ ସେହି ପୁସ୍ତକ ଗୁଡ଼ିକର ବକେୟା ପ୍ରାପ୍ୟ ମଧ୍ୟ ପ୍ରଦାନ କରାଯିବ ।

୨. ମୁଦ୍ରିତ ମୂଲ୍ୟ / ମସିହା ବ୍ୟତୀତ ହାତଲେଖା, ରବରଷ୍ଟାମ୍ପ କିମ୍ବା ଅନ୍ୟ ପ୍ରକାରର ସଂଶୋଧିତ ମୂଲ୍ୟ / ମସିହା / ଭିତର ପୃଷ୍ଠା ପରିବର୍ତ୍ତନ ତଥା ପ୍ରତିଲିପି (**Xerox**) କରାଯାଇଥିବା ପୁସ୍ତକଗୁଡ଼ିକ ଗ୍ରହଣ କରାଯିବ ନାହିଁ ।

୩. ନିର୍ବାଚିତ ପୁସ୍ତକଗୁଡ଼ିକ ଉପରେ ପ୍ରକାଶକମାନେ ମୁଦ୍ରିତ ମୂଲ୍ୟ ଉପରେ ଶତକଡ଼ା ୩୦ ଭାଗ ରିହାତି ପ୍ରଦାନ କରିବେ ।

୪. ନିର୍ବାଚିତ ହୋଇନଥିବା ପୁସ୍ତକଗୁଡ଼ିକ ପ୍ରକାଶକମାନେ ଫେରସ୍ତ ନେଇପାରିବେ ନାହିଁ ଓ ତାହା ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ପ୍ରଦାନ କରାଯିବ ।

୫. ପୂର୍ବ ପାଞ୍ଚ ବର୍ଷ ମଧ୍ୟରେ ନିର୍ବାଚିତ ହୋଇଥିବା ପୁସ୍ତକ ଗୁଡ଼ିକ ଏଥିସହିତ ଦାଖଲ ହେବ ନାହିଁ ।

୬. ପ୍ରକାଶକମାନେ ଦାଖଲ କରୁଥିବା ପୁସ୍ତକର ଏକ ଖଣ୍ଡ ଜାତୀୟ ଗ୍ରନ୍ଥାଗାର, କଲିକତା ଏବଂ ଦୁଇକିତା ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ନିମନ୍ତେ ବିନା ମୂଲ୍ୟରେ ଦାଖଲ କରିଥିବାର ପ୍ରମାଣ ପତ୍ର ସଂଲଗ୍ନ କରିବେ ।

୭. ପୁସ୍ତକର ସାଇଜ୍, ବ୍ୟବହୃତ କାଗଜର ମାନ, ବନ୍ଧାଇର ମାନ ଅନୁଯାଇ ପୁସ୍ତକ ନିର୍ବାଚନ କମିଟି ପୁସ୍ତକ ଗୁଡ଼ିକର ପୁନଃ ମୂଲ୍ୟାୟନ କରିପାରିବେ ।

୮. ପ୍ରକାଶକମାନେ ଦାଖଲ କରୁଥିବା ପୁସ୍ତକଗୁଡ଼ିକ ପୂର୍ବ ପାଞ୍ଚ ବର୍ଷ ମଧ୍ୟରେ ଚୟନ କରାଯାଇ ନଥିବାର ଅଙ୍ଗୀକାରପତ୍ର ଦାଖଲ କରିବେ।

୯. ପୁସ୍ତକ ଦାଖଲ କଲାବେଳେ ପ୍ରକାଶକମାନେ ସେମାନଙ୍କର ସମ୍ପୂର୍ଣ୍ଣ ଠିକଣା ସହ ଫୋନ୍/ମୋବାଇଲ/ଫ୍ୟାକ୍ସ ନମ୍ବର/ଇ-ମେଲ ସମ୍ପର୍କରେ ସୂଚନା ଦେବେ ଯଦ୍ୱାରା ଆବଶ୍ୟକସ୍ଥଳେ ସେମାନଙ୍କସହ ତୁରନ୍ତ ଯୋଗାଯୋଗ କରାଯାଇପାରିବ ।

୧୦. ପୁସ୍ତକ ନିର୍ବାଚନ ସମ୍ବନ୍ଧରେ ରାଜ୍ୟ ଗ୍ରନ୍ଥାଗାର କମିଟି (**SLC**) ର ନିଷ୍ପତ୍ତି ଚୂଡ଼ାନ୍ତ ବିବେଚିତ ହେବ।

ନିର୍ଦ୍ଦେଶକ, ସଂସ୍କୃତି
ସଂସ୍କୃତି ବିଭାଗ,
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର-୭୫୧ ୦୧୪।

୨୦୧୦-୧୧ ☐ ୨୦୧୧-୧୨ ☐ ଆର୍ଥିକ ବର୍ଷ ନିମନ୍ତେ ରାଜା ରାମମୋହନ
ରାୟ ପାଠାଗାର ଯୋଜନାରେ ପୁସ୍ତକ କ୍ରୟ ନିମନ୍ତେ ନମୁନା ଫର୍ମ

***

(ତିନିକିତା କିସମଖ୍ଵାରୀ ଦରଖାସ୍ତ ଫର୍ମ ଦାଖଲ କରିବାକୁ ହେବ)

୧. କ୍ରମିକ ସଂଖ୍ୟା (ଯଦି ଏକାଧିକ ପୁସ୍ତକ ଥାଏ)
୨. ପୁସ୍ତକର ନାମ
୩. ଲେଖକଙ୍କ ନାମ
୪. ଭାଗ ସଂଖ୍ୟା (Volume / Series)
୫. ପୃଷ୍ଠା ସଂଖ୍ୟା
୬. ସଂସ୍କରଣ ସଂଖ୍ୟା ଓ ପ୍ରକାଶନ ବର୍ଷ
୭. ବନ୍ଧାଇ (ସାଧା / ବୋର୍ଡ଼)
୮. ଦାଖଲ କରିବାକୁଥିବା ପୁସ୍ତକ ପୂର୍ବରୁ କିଣାଯାଇଛି କି ନାହିଁ । ଯଦି କିଣାଯାଇଛି, କେଉଁ ବର୍ଷ ପାଇଁ ?
୯. ପୁସ୍ତକ କିସମ -
(କ) ସାଧାରଣ ବିଭାଗ
(ଖ) ଶିଶୁ ବିଭାଗ
୧୦. ପୁସ୍ତକର ମୂଲ୍ୟ
୧୧. କୋଲକତାସ୍ଥିତ ଜାତୀୟ ଗ୍ରନ୍ଥାଗାର ପାଇଁ ଓ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ପାଇଁ ଦାଖଲ କରିଥିବା ପୁସ୍ତକର ପ୍ରମାଣପତ୍ର ସଂଲଗ୍ନ କି ନୁହେଁ ☐
(ପ୍ରମାଣପତ୍ର ଗୁଡ଼ିକର ଏକକିତା ଲେଖାଏଁ ଜେରକ୍ସ କପି ସଂଲଗ୍ନ କରିବେ)
୧୨. ଦାଖଲ କରୁଥିବା ପ୍ରକାଶକଙ୍କ ପୂର୍ଣ୍ଣ ଠିକଣା

ଦାଖଲକାରୀଙ୍କ ପୂର୍ଣ୍ଣ ସ୍ଵାକ୍ଷର
ମୋବାଇଲ ଫୋନ୍ ନଂ
ଲାଣ୍ଡ ଫୋନ୍ ନଂ.
ଫ୍ୟାକ୍ସ ନଂ.
ଇ-ମେଲ୍ :

ତାରିଖ -

## ଅଙ୍ଗୀକାର ପତ୍ର

ପ୍ରକାଶଥାଉକି, ମୁଁ / ଆମ୍ଭେ ଏତଦ୍ୱାରା ଘୋଷଣା କରୁଅଛୁ ଯେ, ରାଜା ରାମମୋହନ ରାୟ ଯୋଜନାରେ ପୁସ୍ତକ କ୍ରୟ ନିମନ୍ତେ ପ୍ରଦତ୍ତ ସର୍ତ୍ତାବଳୀ ଗୁଡ଼ିକ ମାନିବା ନିମନ୍ତେ ଓ ତଦନୁଯାୟୀ ପୁସ୍ତକ ପ୍ରଦାନ ନିମନ୍ତେ ଆମ୍ଭେ ଅଙ୍ଗୀକାରବଦ୍ଧ ଅଟୁ । ଅଧିକନ୍ତୁ, ଆମ୍ଭେ ନିମ୍ନ ଅଙ୍ଗୀକାର ପତ୍ର ଦାଖଲ କରୁଅଛୁ ।

୧. ଲେଖକ ମାନଙ୍କର ରାଜ ଭାଗ ପଇଠ କରି ଏସଂକ୍ରାନ୍ତୀୟ ପ୍ରମାଣ ପତ୍ର ଦାଖଲକଲେ ଅବଶିଷ୍ଟ ଶତକଡ଼ା ୫୦ ଭାଗ ବକେୟା ପାଉଣା ସଂପୃକ୍ତ ଲେଖକଙ୍କର ପୁସ୍ତକ ବାବଦରେ ଦିଆଯିବ ।
୨. ଦାଖଲ କରାଯାଉଥିବା ସମସ୍ତ ପୁସ୍ତକ ଗୁଡ଼ିକ ନିର୍ଦ୍ଧାରିତ ମାନ ଓ ମୂଲ୍ୟ ଥାଇ ସେହିପରି ଅନ୍ୟ କୌଣସି ପୁସ୍ତକ କମ୍ ମୂଲ୍ୟରେ ବଜାରରେ ଉପଲବ୍ଧ ନାହିଁ ।

ଦାଖଲକାରୀଙ୍କ ପୂର୍ଣ୍ଣ ସ୍ଵାକ୍ଷର